
ISSN: 2456-9194, Vol. VIII, Issue. I, June 2024

# ପ୍ରତ୍ୟୟ

**(Journal of Odia Language, Culture and Science)**

Peer-Reviewed Journal - Homepage: http://cphfs.in/research.php



# ଜଗମୋହନ ରାମାୟଣ ପୋଥି ସଂପାଦନା ଓ ସମାଲୋଚନା

**ଡ଼. ବିଜୟଲକ୍ଷ୍ମୀ ଦାଶ ୧, ଶୁଭସ୍ମିତା ଦାଶ ୨**

ସହାୟକ ପ୍ରଫେସର ୧, ଗବେଷିକା ୨

ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

***ସାରାଂଶ:*** *ଆଲୋଚ୍ୟ ପ୍ରବନ୍ଧରେ ଜଗମୋହନ ରାମାୟଣକୁ ନେଇ ଓଡ଼ିଶାରୁ ପ୍ରାପ୍ତ ହୋଇଥିବା ପୋଥି ସଂପର୍କରେ ସଂପୂର୍ଣ୍ଣ ସୂଚନା ସାଙ୍ଗକୁ ଏହି ପୋଥିକୁ ତାଲିକାଭୁକ୍ତ କରି ଚାରୋଟି ପରିବାରରେ ବିଭକ୍ତ କରି ଆଦର୍ଶ ପୋଥି ଚୟନ କରାଯାଇଛି । ସାଧାରଣତଃ ଆମେ ଦେଖୁ ଗୋଟିଏ ପୋଥିରୁ ଅନ୍ୟ ଏକ ପୋଥିକୁ ଲିଖନକାର ଉତ୍ତାରିବା (Copy) ସମୟରେ, ତ୍ରୁଟି ହେଉନଥିବା ସ୍ଥାନରେ ନିଜ ଇଚ୍ଛାରେ ଶବ୍ଦଟିଏ ବସେଇ ଦିଅନ୍ତି । ଏହାଦ୍ୱାରା ପୋଥି ମୂଳପାଠ ପାଖରୁ ଦୂରେଇଯାଏ ଓ ପୋଥିରେ ପାଠ ବିକୃତି ଦେଖାଯାଏ । ଏଥିପାଇଁ ପ୍ରାଚୀନ ଗ୍ରନ୍ଥର ସଂପାଦନା କରାଯାଏ । ସଂପାଦନାର ମୂଳ ଉଦ୍ଦେଶ୍ୟ ମୂଳ ଲେଖାର ପୁନରୁଦ୍ଧାର । ସଂପାଦକ ମୂଳଲେଖାକୁ ତ୍ରୁଟି ଶୁଦ୍ଧ ରୂପରେ ଲେଖିବାକୁ ପାଠୋଦ୍ଧାର କୁହାଯାଏ । ପ୍ରାଚୀନ ଗ୍ରନ୍ଥ ସଂପାଦନାର ମୂଳ ଲକ୍ଷ୍ୟ ମୂଳପାଠକୁ ଫେରିବାର ଅନ୍ୟତମ ପ୍ରୟାସ । ଆଲୋଚ୍ୟ ପ୍ରବନ୍ଧରେ ପୋଥି ସଂପାଦନା ଓ ଶୁଦ୍ଧପାଠ କିପରି ନିରୂପଣ କରାଯାଏ, ତାହାକୁ 'ଜଗମୋହନ ରାମାୟଣ' ପୋଥି ଆଧାରରେ ଆଲୋଚନା କରାଯାଇଛି ।*

***ପ୍ରମୁଖ ଶବ୍ଦାବଳୀ:*** *ଜଗମୋହନ ରାମାୟଣ, ପୋଥି ସଂପାଦନା, ରାମକଥା, ପାଠୋଦ୍ଧାର, ବଳରାମ ଦାସକୃତ ଜଗମୋହନ ରାମାୟଣର ଶୁଦ୍ଧପାଠ ।*

## ପୋଥି ସଂଗ୍ରହ

୧୯୭୦ ମସିହାରେ ଜଗମୋହନ ରାମାୟଣର କେତୋଟି ପୋଥି ବିଶ୍ୱଭାରତୀରେ ସଂଗୃହୀତ ହୋଇଥିଲା । ଓଡ଼ିଆ ରାଜ୍ୟ ସଂଗ୍ରହାଳୟରେ ପଣ୍ଡିତ ନୀଳମଣି ମିଶ୍ରଙ୍କ ସହଯୋଗ କ୍ରମେ ସଂଗ୍ରହାଳୟରେ ଅଣତିରିଶଟି ପାଣ୍ଡୁଲିପି ସଂଗୃହୀତ ହୋଇଥିଲା ବୋଲି ଡକ୍ଟର ନରେନ୍ଦ୍ରନାଥ ମିଶ୍ର ତାଙ୍କ ବଳରାମ ଦାସ ଓ ଓଡ଼ିଆ ରାମାୟଣ ପୁସ୍ତକରେ ଦର୍ଶାଇଛନ୍ତି । ସେଥିରୁ ଆଠଗୋଟି ପାଣ୍ଡୁଲିପିର ଅଂଶ ପଣ୍ଡିତ ନୀଳମଣି ମିଶ୍ର ଲିପିକୃତ କରାଇ ଦେଇଥିଲେ । ଏହି ପୋଥିର ଆକାର '୭୦ ସେ.ମି. × ୩ ସେ.ମି.' ପ୍ରତି ପୋଥିର ପତ୍ରସଂଖ୍ୟା ସମାନ ନୁହେଁ । ତଥାପି ଯେତେ ଖଣ୍ଡ ପୋଥି ଆମ ଅନୁଶୀଳନ ମଧ୍ୟକୁ ଆସିଛି ସବୁଥିରେ ୩୦୦୦ ରୁ ୪୦୦୦ ପତ୍ର ଅଛି । ଏହି ସର୍ବେକ୍ଷଣରେ ରାଜ୍ୟ ସଂଗ୍ରହାଳୟର ପୋଥି, ଉତ୍କଳ ବିଶ୍ୱବିଦ୍ୟାଳର ପରିଜା ପାଠାଗାର, ବିଶ୍ୱଭାରତୀ ପୋଥି ପାଠାଗାର ଓ ଲିପିକାକୁ ସାମିଲ୍ କରାଯାଇଛି । ଲିପିକାରେ ସଂରକ୍ଷିତ ଜଗମୋହନ ରାମାୟଣର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପୋଥି ରହିଛି । କିନ୍ତୁ ଅନେକ ପୋଥି କୀଟଦ୍ରଷ୍ଟ । ଉପଯୁକ୍ତ ସଂରକ୍ଷଣ ଅଭାବରୁ ପୋଥି ପଢ଼ି ହେବା ଅବସ୍ଥାରେନାହିଁ । ତଥାପି ସେହି ପୋଥିକୁ ଅନୁଶୀଳନ କରାଯାଏ 'ଲିପିକା'ର ଏକ ପଠିତବ୍ୟ ପୋଥିର ପାଠକୁ 'ରାଜ୍ୟ ସଂଗ୍ରହାଳୟ'ର ଏକ ପୋଥିର ପାଠ (୧୪୦୧, ଆଦିକାଣ୍ଡ) ସହିତ ମିଳାଇ ଦେଖିବା ପରେ ଉଭୟ ପୋଥିର ପାଠରେ ବିଶେଷ କିଛି ପାର୍ଥକ୍ୟ ଥିବା ଭଳି ମନେ ହୋଇନାହିଁ । ପରିଜା ପାଠାଗାରରେ ଉପଲବ୍ଧ ପୋଥି ରାଜ୍ୟ ସଂଗ୍ରହାଳୟରେ ମଧ୍ୟ ଉପଲବ୍ଧ । ପୋଥି-ମାନଙ୍କ ମଧ୍ୟରୁ ସଂଗ୍ରହାଳୟରୁ ବେଶି ପ୍ରାଚୀନ ପୋଥି ମିଳିଛି । ପରିଜା ପାଠାଗାରର ପୋଥିଗୁଡ଼ିକ ଅର୍ବାଚୀନ । ପରିମାଣ ମଧ୍ୟ କମ୍ ।

ରାଜ୍ୟ ସଂଗ୍ରହାଳୟରେ ବଳରାମ ଦାସଙ୍କ ଜଗମୋହନ ରାମାୟଣର ଅନେକ ପୋଥି ରହିଥିଲେ ମଧ୍ୟ ଏକ ସମୟର ୭ଟି କାଣ୍ଡ ବିଶିଷ୍ଟ ପୂର୍ଣ୍ଣରାମାୟଣ ମିଳିବା ସହଜ ହୋଇନାହିଁ । ପ୍ରାପ୍ତ ପୋଥି ମଧ୍ୟରୁ ଅଧିକାଂଶ

ପୋଥି ମୁକୁନ୍ଦଦେବ, ରାମଚନ୍ଦ୍ର ଦେବ ଓ ଦିବ୍ୟସିଂହ ଦେବଙ୍କ ଅମଳର ବୋଲି ପୁଷ୍ପିକାରୁ ଜଣାପଡ଼ିଛି । ଲିପିକା ପାଠାଗାର, ପରିଜା ପାଠାଗାର ଓ ରାଜ୍ୟ ସଂଗ୍ରହାଳୟରୁ ସଂଗୃହୀତ ଅନେକ ପୋଥିକୁ ତାହାର ଅପୂର୍ଣ୍ଣତା ପାଇଁ ଗବେଷଣାରୁ ବାଦ୍ ଦିଆଯାଇଛି । ଏହା ପରେ ପ୍ରାଚୀନତା ଆଧାରରେ ଯେଉଁ ପୋଥିଗୁଡ଼ିକୁ ଗବେଷଣା ନିମନ୍ତେ ଚୟନ କରାଗଲା ତାହା ରାଜ୍ୟ ସଂଗ୍ରହାଳୟର, ସେଥିମଧ୍ୟରୁ ଅନେକ ପୋଥିର ସପ୍ଟକପି ନଥିବାରୁ ତାହାକୁ ମଧ ବାଦ୍ ଦେବାକୁ ପଡ଼ିଲା । ତିନୋଟିଯାକ ସ୍ଥାନରୁ ସଂଗ୍ରହ କରାଯାଇଥିବା ପୋଥିମାନଙ୍କର କ୍ୟାଟ୍‌ଲଗ୍‌ର ଏକ ସବିଶେଷ ତାଲିକା ପୁଷ୍ପିକା ସହିତ ପ୍ରସ୍ତୁତ କରିଛି ।

## ୧.୧ ସଂଗୃହୀତ ପୋଥିର ବର୍ଗୀକରଣ: (ପ୍ରଥମ ପରିବାର)

- ଛ' ପୋଥି

ORP/4 - ଆଦିକାଣ୍ଡ, ORP/270 - ଆରଣ୍ୟକକାଣ୍ଡ, ORP/271 – କିଷ୍କିନ୍ଧା-କାଣ୍ଡ, ORP/272-1 - ସୁନ୍ଦରାକାଣ୍ଡ, ORP /269 - ଅଯୋଧ୍ୟାକାଣ୍ଡ, ORP/264 - ଉତ୍ତରାକାଣ୍ଡ, ORP/275 - ଉତ୍ତରାକାଣ୍ଡ, ORP/273 - ଲଂକା କାଣ୍ଡ ।

'ଛ' ପୋଥିର ପ୍ରତିଲିପିକରଣ ରାମଚନ୍ଦ୍ରଙ୍କ ୨୩ ଅଙ୍କ, ୧୩୦୭ ସାଲ (୧୯୦୦ ମସିହା), ପ୍ରତାପ ମୁକୁନ୍ଦଦେବଙ୍କ ୨୯ ଅଙ୍କ, ୧୩୧୩ ସାଲ (୧୯୦୬ ମସିହା) ମଧ୍ୟରେ ହୋଇଥିବାର ଏବଂ ଖୋର୍ଦ୍ଧା ଜିଲ୍ଲାର ଗଡ଼ମାଣିତ୍ରୀର ଦଳବେହେରା ମଦନମୋହନ ସାମନ୍ତରାୟଙ୍କ ନିମନ୍ତେ ପ୍ରତିଲିପିକରଣ ହୋଇଥିବାର ପୁଷ୍ପିକାରେ ବର୍ଣ୍ଣିତ ।

- 'ଜ' ପୋଥି

ORP/848 - ଆଦିକାଣ୍ଡ, ORP/849 ଅଯୋଧ୍ୟାକାଣ୍ଡ, ORP/850 କିଷ୍କିନ୍ଧାକାଣ୍ଡ, ORP/851 ସୁନ୍ଦରାକାଣ୍ଡ, ORP/435 ଲଂକାକାଣ୍ଡ-୧, ORP/ 436 ଲଂକାକାଣ୍ଡ, ORP/437 ଉତ୍ତରାକାଣ୍ଡ ।

'ଜ' ପୋଥିର ପ୍ରତିଲିପିକରଣ ମୁକୁନ୍ଦଦେବଙ୍କ ୨୫ ଅଙ୍କ, ୧୩୦୯ ସାଲ (୧୯୦୨ ମସିହା), ରାଉତପଡ଼ା ରହଣି ସତ୍ୟବାଦୀ ଶତପଥୀଙ୍କ ନିମନ୍ତେ ରାମଚନ୍ଦ୍ର ଦେବଙ୍କ ୩୧ ଅଙ୍କ (୧୯୧୪ ମସିହା) ମଧ୍ୟରେ ଖଣ୍ଡପଡ଼ା ଜିଲ୍ଲାର ବରପାଲି ଗ୍ରାମରେ ମାଧବ ପ୍ରଧାନଙ୍କ ନିମନ୍ତେ ହେଉଥିବାର ପୁଷ୍ପିକାରେ ବର୍ଣ୍ଣିତ ହୋଇଛି। ଏହି ପୋଥି ଗଡ଼ମାଣିତ୍ରୀ (ପୁରୀ)ର ନରସିଂହ ମିଶ୍ରଙ୍କ କ୍ୟାଟଲଗ୍‌ରେ ଲେଖାଯାଇଛି ।

### ଦ୍ୱିତୀୟ ପରିବାର:

- 'ଙ' ପୋଥି

ORP/832 - ଆଦିକାଣ୍ଡ, ORP /813 ଅଯୋଧ୍ୟାକାଣ୍ଡ, ORP/936 ଆରଣ୍ୟକକାଣ୍ଡ, ORP/1123 କିଷ୍କିନ୍ଧାକାଣ୍ଡ, ORP/837 ସୁନ୍ଦରାକାଣ୍ଡ, ORP/817 ଲଂକା କାଣ୍ଡ, ORP/840 ଉତ୍ତରା କାଣ୍ଡ ।

- 'ଚ' ପୋଥି

ORP/812 - ଆଦିକାଣ୍ଡ, ORP /813 ଅଯୋଧ୍ୟାକାଣ୍ଡ, ORP/814 ଆରଣ୍ୟକକାଣ୍ଡ, କିଷ୍କିନ୍ଧାକାଣ୍ଡ, ସୁନ୍ଦରାକାଣ୍ଡ, ORP/815 ଲଂକାକାଣ୍ଡ, ORP/816 ଉତ୍ତରାକାଣ୍ଡ ।

'ଙ' ଓ 'ଚ' ପୋଥିର ପ୍ରତିଲିପିକରଣ ଦିବ୍ୟସିଂହ ଦେବଙ୍କ ୫ମ ଅଙ୍କ ବା ୧୩୦୮ ସାଲ (୧୯୦୧ ମସିହା), ୧୨୯୦ ସାଲ (୧୮୮୩ ମସିହା), ୧୭୯୭ ସାଲ (୧୮୯୦ ମସିହା) ମଧ୍ୟରେ ହୋଇଥିବାର ପୁଷ୍ପିକାରେ ବର୍ଣ୍ଣିତ । ଏହି ପୋଥି ପୁରୀର ପାରିକୁଦ ଅଞ୍ଚଳର କୁଞ୍ଜବିହାରୀ ସାମନ୍ତରାୟଙ୍କଠାରୁ କିଣାଯାଇଥିବାର ସୂଚନା ରାଜ୍ୟ ସଂଗ୍ରହାଳୟର ପୋଥି ପାଠାଗାରର କ୍ୟାଟ୍‌ଲଗରୁ ସୂଚିତ ।

### ତୃତୀୟ ପରିବାର:

**'କ' ପୋଥି**

ORP/1401 - ଆଦିକାଣ୍ଡ, ORP/1402 ଅଯୋଧ୍ୟାକାଣ୍ଡ ଓ ଆରଣ୍ୟକକାଣ୍ଡ, ORP/1403 କିଷ୍କିନ୍ଧାକାଣ୍ଡ ଓ ସୁନ୍ଦରାକାଣ୍ଡ, ORP/1404 ଲଂକାକାଣ୍ଡ, ORP/1405 ଲଂକାକାଣ୍ଡ, ORP/1406 ଉତ୍ତରାକାଣ୍ଡ ।

**'ଖ' ପୋଥି**

ORP/1024 - ଆଦିକାଣ୍ଡ, ORP/1025 ଅଯୋଧ୍ୟାକାଣ୍ଡ, ORP/ 1107 ସୁନ୍ଦରାକାଣ୍ଡ, ORP/2357 ଲଂକାକାଣ୍ଡ, ORP/437 ଉତ୍ତରାକାଣ୍ଡ।

ଏହି ପରିବାରର 'କ' ପୋଥି ଓ 'ଖ' ପୋଥି ରାମଚନ୍ଦ୍ର ଦେବଙ୍କ ୪୫ ଅଙ୍କ ଏବଂ ୪୬ ଅଙ୍କ (୧୮୫୦-୧୮୫୫ ମସିହା) ମଧ୍ୟରେ ପ୍ରତିଲିପିକରଣ ହୋଇଥିବାର ସୂଚନା ପୁଷ୍ପିକାରୁ ମିଳେ । ଗଞ୍ଜାମ ଗାନ୍ଧିନଗରର G.C.H. ଜୟଦେବଙ୍କଠାରୁ ଏହା କିଣାଯାଇଥିବାର ସୂଚନା ରାଜ୍ୟ ସଂଗ୍ରହାଳୟର ପୋଥି ପାଠାଗାରର କ୍ୟାଟ୍‌ଲଗରୁ ସୂଚିତ ।

### ଚତୁର୍ଥ ପରିବାର:

**'ଗ' ପୋଥି**

ଓଜଚ/୯୮୦ - ଆଦିକାଣ୍ଡ, ଓଜଚ /୯୮୧ ଅଯୋଧ୍ୟାକାଣ୍ଡ, ଓଜଚ/୯୮୨ ଆରଣ୍ୟକକାଣ୍ଡ, ଓଜଚ/୯୮୩ କିଷ୍କିନ୍ଧାକାଣ୍ଡ, ଓଜଚ/୯୮୪ ସୁନ୍ଦରାକାଣ୍ଡ, ଓଜଚ/୯୮୫ ଲଂକାକାଣ୍ଡ ୧, ଓଜଚ/୯୮୬ ଲଂକାକାଣ୍ଡ ୨, ଓଜଚ/୯୮୭ ଉତ୍ତରାକାଣ୍ଡ ।

**'ଘ' ପୋଥି**

ଓଜଚ/୪୭୦ - ଆଦିକାଣ୍ଡ, ଅଯୋଧ୍ୟାକାଣ୍ଡ, ଓଜଚ/୪୭୧ ଆରଣ୍ୟକକାଣ୍ଡ, କିଷ୍କିନ୍ଧାକାଣ୍ଡ, ଓଜଚ/୪୭୨ ସୁନ୍ଦରାକାଣ୍ଡ, ଓଜଚ/୪୭୩ ଲଂକାକାଣ୍ଡ, ଓଜଚ/୪୭୪ ଉତ୍ତରାକାଣ୍ଡ, ଓଜଚ/୪୭୪ ଉତ୍ତରାକାଣ୍ଡ । ଏହି ପରିବାରର 'ଗ' ଓ 'ଘ' ପୋଥିଗୁଡ଼ିକର ପ୍ରତିଲିପିକରଣ ମୁକୁନ୍ଦଦେବଙ୍କ ୩୮ ଅଙ୍କରୁ ୪୨ ଅଙ୍କ, ୧୩୨୦ ସାଲ (୧୯୧୩ ମସିହା), ୧୯୧୪ ମସିହା ବୀରକିଶୋରୀ ଦେବଙ୍କ ୨୫ ଅଙ୍କ ୧୩୨୬ ସାଲ (୧୯୧୯ ମସିହା) ମଧ୍ୟରେ

ପ୍ରତିଲିପି -କରଣ ହୋଇଥିବାର ସୂଚନା ମିଳେ। ଏହି ପୋଥି ବାଲେଶ୍ୱର ଅଞ୍ଚଳର ସୀତାରାମ ଦାସଙ୍କଠାରୁ କ୍ରୟ କରାଯାଇଥିବାର ସୂଚନା ରାଜ୍ୟ ସଂଗ୍ରହାଳୟର ପୋଥି ପାଠାଗାରର କ୍ୟାଟ୍‌ଲଗରେ ଲିଖିତ ।

## ୧.୨ ଆଦର୍ଶ ପୋଥି ଚୟନ:

ଏହି ଚାରି ପରିବାର ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ପରିବାରକୁ ଗୋଟିଏ ଗୋଷ୍ଠୀଭୁକ୍ତ ଏବଂ ତୃତୀୟକୁ ଅନ୍ୟ ଗୋଷ୍ଠୀଭୁକ୍ତ କରାଯାଇଛି । ପ୍ରଥମ ଗୋଷ୍ଠୀଭୁକ୍ତ ପୋଥିମାନଙ୍କ ମଧ୍ୟରୁ ଅନେକ କୀଟଦ୍ରଷ୍ଟା । ଅକ୍ଷର ଅସ୍ପଷ୍ଟ । ପୁଷ୍ପିକାରେ ନିର୍ଦ୍ଦିଷ୍ଟ ସମୟ କାଳ ନାହିଁ । ଦ୍ୱିତୀୟ ପରିବାରଭୁକ୍ତ ପୋଥି ବିଶେଷ ନଷ୍ଟ ହୋଇନାହିଁ । ଅକ୍ଷର ସ୍ପଷ୍ଟ । ଏଣୁ ଦ୍ୱିତୀୟ ଗୋଷ୍ଠୀର ତୃତୀୟ ପରିବାରର 'କ' ପୋଥିକୁ ଗବେଷଣାପାଇଁ ଆଦର୍ଶ ପୋଥି ଭାବେ ଚୟନ କରାଯାଇଛି ।

ପୋଥିର ପ୍ରତିଲିପିକରଣର ସମୟ ରାମଚନ୍ଦ୍ର ଦେବ, ରାମଚନ୍ଦ୍ର ଦେବ ତୃତୀୟ । ତାଙ୍କ ୪୫/୪୭ ଅଙ୍କ ସମୟ ଅର୍ଥାତ୍ ପୋଥିଟିର ସମୟ ୧୮୫୪ରୁ ୧୮୫୫ ମଧ୍ୟରେ ବୁଝିବାକୁ ହେବ । ସମୟ ଅନୁଯାୟୀ ଏଇ ପୋଥିଟି ସର୍ବପ୍ରାଚୀନ । ଏହି ପୋଥିର ୭ଟିଯାକ କାଣ୍ଡ ପୂର୍ଣ୍ଣ ଭାବରେ ରହିଛି।

ଏଣୁ ଏହି ପୋଥିକୁ ଆଦର୍ଶ ପୋଥି ଭାବରେ ନିଆଗଲା । ଏହି ପୋଥିମାନଙ୍କର ପୁଷ୍ପିକାରେ ଦେଖାଯାଇଛି ଯେ, 'ରତ୍ନାକର ପାଢ଼ୀଙ୍କୁ ରାମଚନ୍ଦ୍ର ରକ୍ଷା କରନ୍ତୁ', ତାଙ୍କର ଶୁଭ ହେଉ ଇତ୍ୟାଦି ଆଶୀର୍ବଚନ ରହିଛି । ଅନ୍ୟ ପୋଥିରେ ପ୍ରତିଲିପିକାର ନିଜ ନିମନ୍ତେ ନିଜେ ଏପରି ଆଶୀର୍ବଚନ ଲେଖିନାହାନ୍ତି ଏବଂ ରତ୍ନାକର ପାଢ଼ୀ ଲେଖା ନହୋଇ 'ପାଢ଼ୀଏ' ଲେଖାଯାଇଛି। ଏଣୁ ପ୍ରତିଲିପି ପ୍ରସ୍ତୁତ କରିଥିବା ବ୍ୟକ୍ତି ଜଣକ ଅନ୍ୟ କେହି ଜଣେ । ରତ୍ନାକର ପାଢ଼ୀ ପ୍ରତିଲିପି ପ୍ରସ୍ତୁତି ନିମନ୍ତେ ତାଙ୍କୁ ଅର୍ଥ ପ୍ରଦାନ କରିଛନ୍ତି। ସେଥିପାଇଁ ପ୍ରତିଲିପିକୁ ସେ ରତ୍ନାକର ପାଢ଼ୀଙ୍କ ନାମରେ ଭଣିତ କରି ଦେଇଛନ୍ତି ।

## ୧.୩ ଶୁଦ୍ଧପାଠ ନିର୍ଣ୍ଣୟ:

'କ' ପୋଥି - ଆଦର୍ଶ ପୋଥି ।

ପ୍ରତିଲିପି-୧ 'କ'ପୋଥିର ପାଠକୁ ପ୍ରତିଲିପି କରାଯାଇ 'ଖ' ପୋଥି ସହିତ ତୁଳନା କରାଗଲା ।

ପ୍ରତିଲିପି-୨ 'ଗ'ପୋଥିର ପାଠକୁ ପ୍ରତିଲିପି କରାଯାଇ 'ଘ' ପୋଥିର ପାଠ ସହିତ ତୁଳନା କରାଗଲା ।

ପ୍ରତିଲିପି-୩ 'ଙ'ପୋଥିର ପାଠକୁ ପ୍ରତିଲିପି କରାଯାଇ 'ଚ' ପୋଥି ସହିତ ତୁଳନା କରାଗଲା ।

ପ୍ରତିଲିପି-୪ 'ଛ'ପୋଥିର ପାଠକୁ ପ୍ରତିଲିପି କରାଯାଇ 'ଜ' ପୋଥିର ପାଠ ସହିତ ତୁଳନା କରାଗଲା ।

ପୁନଶ୍ଚ ପ୍ରତିଲିପି ୧କୁ ପ୍ରତିଲିପି ୨ ସହିତ, ପ୍ରତିଲିପି ୩କୁ ପ୍ରତିଲିପି ୪ ସହିତ ତୁଳନା କରାଗଲା । ଏହାପରେ ଆମକୁ ଦୁଇଟି ପାଠ ପ୍ରାପ୍ତ ହେଲା ।

ପାଠ ୧: ପ୍ରତିଲିପି ୧ ସହିତ ପ୍ରତିଲିପି ୨ର ତୁଳନା ।

ପାଠ ୨: ପ୍ରତିଲିପି ୩ ସହିତ ପ୍ରତିଲିପି ୪ର ତୁଳନା ।

ଏହାପରେ ପାଠ ୧କୁ ପାଠ ୨ ସହିତ ତୁଳନା କରାଯାଇ ଶୁଦ୍ଧପାଠ ଉଦ୍ଧାର କରାଗଲା ।

## ୧.୪ ପାଠାନ୍ତର:

- ସମସ୍ତ ପୋଥିରେ 'ଶ' 'ସ' 'ଷ' 'ଜ' 'ଯ' 'ନ' 'ଣ' ଆଦିର ଯାଦୃଚ୍ଛିକ ବ୍ୟବହାର ହୋଇଛି ।
- 'ଖ' 'କ୍ଷ' ମଧ୍ୟ ଅନେକ ସମୟରେ ଏକାଭଳି ବ୍ୟବହୃତ ହୋଇଛି ।
- ଅନୁସ୍ୱାରର ବହୁଳ ବ୍ୟବହାର ରହିଛି । ଅନାବଶ୍ୟକ କ୍ଷେତ୍ରରେ (ଅନୁନାସିକତାର ଆବଶ୍ୟକତା ନଥିବା ସ୍ଥାନରେ) ମଧ୍ୟ ତାହା ବ୍ୟବହୃତ ହୋଇଛି । ଯେପରିକି: - ମହିମା - ମହିଂମା, ମହିଷା-ମହିଂଷା, କିମ୍ପା-କିମ୍ପାଂ, ତୁ-ତୁଂ ।
- ଅନେକ ସ୍ଥଳରେ ପୂର୍ବ ବର୍ଣ୍ଣ ବା ପରବର୍ଣ୍ଣରେ ବ୍ୟବହୃତ ହୋଇଛି । ଅଂଗେ-ଅଗେଂ, ସିଂଘ, ସିଘଂ, ଜହ୍ନୁଂ-ଜଂହ୍ନୁ, କଂସ-କସଂ, ଧୁଆଂ-ଧୁଂଆ, ହଂସ-ହସଂ, ସଂସାର-ସସାଂର, କିଂପା-କିପାଂ ।
- ସମସ୍ତ ପୋଥିରେ ଅକ୍ଷରର ଲିଖନ କୌଶଳ ମଧ୍ୟରେ ମଧ୍ୟ ଭିନ୍ନତା ପରିଲକ୍ଷିତ । ଗୋଟିଏ ଗୋଟିଏ ପୋଥିରେ ମଧ୍ୟ ଗୋଟିଏ ଅକ୍ଷର ଦୁଇତିନି ପ୍ରକାରରେ ଲେଖା-ଯାଇଥିବାର ଦେଖିବାକୁ ମିଳିଛି ।
- ସବୁଠୁ ଅଧିକ ଶୈଳୀରେ ଲେଖାଥିବା ବର୍ଣ୍ଣ ହେଉଛି 'ଅ' । ସବୁଠୁ କମ୍ ପରିବର୍ତ୍ତନ 'କ୍ଷ' ବର୍ଣ୍ଣରେ ହୋଇଛି । କାରଣ ଅନେକ ସ୍ଥଳରେ 'କ୍ଷ' ବଦଳରେ 'ଖ' ବା 'ଛ' ଲେଖା ହୋଇଛି ।
- ଅବ୍ୟୟ ପଦ, ବିଭକ୍ତି ଚିହ୍ନର ବ୍ୟବହାର ଦେଖିଲେ ପ୍ରତିପୋଥିର ପ୍ରତିଧାଡ଼ିରେ ଭିନ୍ନତା ରହିଛି । କେଉଁଥିରେ 'କହିଲେକି' ରହିଛି, କେଉଁଥିରେ 'କହିଲେଟିକି', କେଉଁ -ଥିରେ 'କହିଲେଟି' ଲେଖା ହୋଇଛି । କେଉଁଥିରେ 'ଗଲେ ଯେ ତହୁଂ', କେଉଁଥିରେ 'ଗଲେ ସେ ତହୁଂ', କେଉଁଥିରେ 'ଗଲେଣ ତହୁଂ' ରହିଛି ।

**୧.୫ ଜଗମୋହନ ରାମାୟଣ ଓଜଚ /୧୪୦୧ - ଓଜଚ/୧୪୦୬ ର ସ୍ୱାତନ୍ତ୍ର୍ୟ:**

- ଏସବୁକୁ ଆଧାରକରି ପାଠାନ୍ତର ପ୍ରସ୍ତୁତି, ଶୁଦ୍ଧପାଠ ପ୍ରସ୍ତୁତିଠାରୁ ଅଧିକ ସମୟ, ଶ୍ରମ ଓ ପୃଷ୍ଠା ସାପେକ୍ଷ । ତେଣୁ ଯେଉଁ ପାଠାନ୍ତରଗୁଡ଼ିକ ଶୁଦ୍ଧପାଠ ନିର୍ଣ୍ଣୟ କାଳରେ ଦ୍ୱନ୍ଦ୍ୱାତ୍ମକ ବା ନିର୍ଣ୍ଣୟାତ୍ମକ ଥିଲା ସେଥିମଧ୍ୟରୁ ଅଳ୍ପ କିଛିକୁ ଏଠାରେ ସ୍ଥାନ ଦିଆଯାଇଛି ।

୧) କୃଷ୍ଣ ସାହୁଙ୍କ ଗ୍ରନ୍ଥରେ ବାଲମ୍ବିକ ଅଛି । ମାତ୍ର ମୁଁ କୌଣସି ପୋଥିରୁ ବାଲମ୍ବିକ ଶବ୍ଦ ପାଇନାହିଁ ।

୨) କୃଷ୍ଣଚରଣ ସାହୁଙ୍କ ସଂପାଦନାରେ ରାମ ନାମର ମହିମା ପ୍ରକ୍ଷାପନ ସ୍ଥଳରେ (ଆଦିକାଣ୍ଡ) ପାର୍ବତୀ ପଚାରିଛନ୍ତି ଯେ "ଭୋ ଦେବ ଈଶ୍ୱର କେବଣ ଜପ ଜପୁ, ମୋତେ ହେଂ ମାୟା ଯେ ଅଛି ତୋର ବପୁ ।" କିନ୍ତୁ ପରେ ରାମ ନାମ ବେଦ ସହିତ ସମାନ । "ପିତାମହ ଗୁପତେ ଯାହା କହିଗଲେ ମତେ । ବିଷ୍ଣୁର ଏକ ନାମ ସର୍ବ ବେଦ ସରି ।" "ଯେ ସେ ସକଳ ବେଦର ଅଟଇ ସାର"। ମୋର ଆଦର୍ଶ ପୋଥିରେ "ଭୋଦେବ ମହେଶ୍ୱର କେବଣ ବେଦ ଜପୁ" ରହିଛି । ଏହା ପରେ ପରେ ସେହି ବେଦର (ଅର୍ଥାତ୍ ରାମ ନାମର) ମହିମା କୁହାଯାଇଛି।

୩) କୃଷ୍ଣଚରଣ ସାହୁଙ୍କ ସଂପାଦନା ଏବଂ ମୁଁ ଦେଖିଥିବା ସମସ୍ତ ପୋଥିରେ ସିନ୍ଦୁରାକାଣ୍ଡ ଲେଖାଅଛି । ସଂସ୍କୃତରେ କିନ୍ତୁ ତାହା ସୁନ୍ଦରାକାଣ୍ଡ । ବାଲ୍ମିକୀଙ୍କ ଅନୁସାରେ ଅଞ୍ଜନା ଦେବୀ ନିଜ ପୁତ୍ରର ନାମ ସୁନ୍ଦରା ଦେଇଥିଲେ । ପରେ ତାଙ୍କ ନାମ ହନୁମାନ, ବଜରଙ୍ଗୀ ଆଦି ହେଲା । ସୁନ୍ଦରାଙ୍କ ସଂପର୍କରେ ବର୍ଣ୍ଣନା ହେତୁ ତାହା ସୁନ୍ଦରାକାଣ୍ଡ । କିନ୍ତୁ ବଳରାମ ଦାସଙ୍କ ଅନୁସାରେ ହନୁମାନ ସୀତାଙ୍କୁ ଅନୁସରଣ କରି ରାମଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ଶରୀର ସାରା ସିନ୍ଦୂର ଲେପିଥିଲେ । ଏଣୁ ବଳରାମ ଦାସ ତାହାକୁ 'ସିନ୍ଦୁରାକାଣ୍ଡ' କରିଛନ୍ତି । ପରବର୍ତ୍ତୀ ସମୟରେ ଯୋଡ଼ି ହେଇଥିବା ଉତ୍ତରାକାଣ୍ଡର ଏକ କାହାଣୀ ଏହି କାହାଣୀକୁ ଆଧାର କରିହୁଏ ତ ବଳରାମ ତାଙ୍କୁ ସିନ୍ଦୁରା ନାମରେ ଜାଣିଛନ୍ତି ଏବଂ କାଣ୍ଡର ନାମ ସିନ୍ଦୁରାକାଣ୍ଡ କରିଛନ୍ତି।

୪) କୃଷ୍ଣଚରଣ ସାହୁଙ୍କ ସଂପାଦନାରେ ଲକ୍ଷ୍ମଣଙ୍କ ଶକ୍ତିଭେଦର ନିବାରଣ ପରେ ହନୁମାନଙ୍କର ଥୁଳଜଙ୍ଘ ରାକ୍ଷାସ ସହିତ ଯୁଦ୍ଧ ହୋଇଛି ।

ମୁଁ ଦେଖିଥିବା ପୋଥିଗୁଡ଼ିକରେ କିନ୍ତୁ ସେ ସମୟରେ ହନୁମାନଙ୍କର ପାତାଳନାଦ ରାକ୍ଷାସ ସହିତ ଯୁଦ୍ଧ ହୋଇଛି । ଥୁଳଜଙ୍ଘ (ସ୍ଥାନେ ସ୍ଥାନେ ସ୍ଥୁଳଜଙ୍ଘ) ସହିତ ହନୁମାନଙ୍କର ପାତାଳରେ ମହୀରାବଣଠାରୁ ମୁକ୍ତହେବା ପରେ ଯୁଦ୍ଧ ହୋଇଛି ।

୫) ମୁଁ ଦେଖିଥିବା ପୋଥି ମଧ୍ୟରୁ ୩ଟିରେ ବଳରାମ ଦାସ ଲଙ୍କାକାଣ୍ଡ ଲେଖିବା ପୂର୍ବରୁ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି । କିପରି ଏତେ ବଡ଼ କାଣ୍ଡ ଲେଖିବେ, ରାବଣ ମୁଖରେ ଶ୍ରୀରାମଙ୍କ ପ୍ରତି ଗାଳି, ଶ୍ରୀରାମଙ୍କ ଉପରେ ପ୍ରହାର କରାଇବେ ଭାଳି ହୋଇଛନ୍ତି । ପୁଣି ପାଂଚକାଣ୍ଡ ଲେଖି ମଧ ରାମସୀତାଙ୍କୁ ମିଳାଇ ନପାରିଲେ କେମିତି ହେବ ଭାବି ଜଗନ୍ନାଥଙ୍କ ନିକଟକୁ ଯାଇ ଆଶୀର୍ବାଦ ମାଗିଛନ୍ତି ।

ଏ ବିଷୟ କିନ୍ତୁ କୃଷ୍ଣଚରଣ ସାହୁଙ୍କ ସଂପାଦନାରେ ନାହିଁ ।

୬) ସୀତାଙ୍କୁ ରାବଣ ମାୟାରେ ରାମଙ୍କ କଟାମୁଣ୍ଡ ଦେଖେଇବା, ସୀତାଙ୍କ ଶୋକ ଓ ରୋଦନ ତତ୍‌ପରେ ତ୍ରିଜଟା ତାଙ୍କୁ ସଧବା ଓ ବିଧବା ନାରୀର ଲକ୍ଷଣ ବୁଝାଇବା ପ୍ରସଙ୍ଗ ମୁଁ ଭେଟିଥିବା ପୋଥିମାନଙ୍କରେ ଅଳ୍ପେବହୁତେ ରହିଛି କିନ୍ତୁ କୃଷ୍ଣଚରଣ ସାହୁଙ୍କ ସଂପାଦନାରେ ନାହିଁ ।

୭) ଲଙ୍କାକାଣ୍ଡରେ ସୈନ୍ୟ ସଂଖ୍ୟା, ପ୍ରହାର ସଂଖ୍ୟା, ଶର ସଂଖ୍ୟା, ଶସ୍ତ୍ର କ୍ଷେପଣର ଦୂରତା, ପୁଷ୍ପବୃଷ୍ଟିରେ ପୁଷ୍ପ ସଂଖ୍ୟା, ବାଦ୍ୟ ସଂଖ୍ୟା ସମସ୍ତ ପୋଥିରେ ଭିନ୍ନଭିନ୍ନ । ଆଦର୍ଶ ପୋଥି ଓ 'ଖ' ପୋଥିର ସଂଖ୍ୟାକୁ ଏଠାରେ ଗ୍ରହଣ କରାଯାଇଛି ।

୮) କେବଳ ତିଥି, ବାର, ନକ୍ଷତ୍ର ହିଁ ଏକ ମାତ୍ର ବିଷୟ ଯାହାସବୁ ପୋଥିରେ ଏବଂ କୃଷ୍ଣଚରଣ ସାହୁଙ୍କ ସଂପାଦନାରେ ମଧ ସମାନ ରୂପରେ ଅଛି ।

କୃ.ସା – କୃଷ୍ଣଚରଣ ସାହୁ, ଆ.ପୋ – ଆଦର୍ଶପୋଥି, ପା.୨ – ପାଠ ନଂ ୨.

**୧.୬ କୃଷ୍ଣଚରଣ ସାହୁଙ୍କ ସଂପାଦନା ଓ ଜଗମୋହନ ରାମାୟଣ** (ORP/1401-1406) **ସଂପାଦନା ମଧ୍ୟରେ ପାର୍ଥକ୍ୟ**:

'ଆଦିକାଣ୍ଡ'ରୁ ଓ ଅଯୋଧ୍ୟା ଉଦାହରଣଙ୍କ ପ୍ରଦତ୍ତ:

୧. କୃ.ସା – ରତ୍ନ ଚକାୟେଣ ନେତର ×××

୨. ଆ.ପୋ – ରତ୍ନ ଚଡକା ଉପରେ ନେତ ×××

୩. ପା.୨ – ରତ୍ନ ଚଡକାର ଉପରେ ନେତ ×××

୨. କୃ.ସା. – ଦୁଇବାହୁ ଟେକିଣ ଯାଚନ୍ତି ଶରଣ – ବାସ ବତ୍ସଳ ନାଥ କରୁଣାମୟେ ସିନ୍ଧୁ

ଆ.ପୋ. - କଟୀରେ ନୀଳବସ୍ତ୍ର ପରିହଣ କରି – ଦାସଙ୍କର ଚଳେ କରୁଣାମଏ ସିନ୍ଧୁ ।

ପା.୨ – କଟୀରେ ଯେ ନୀଳବସ୍ତ୍ର ପରିହର କରି – ଦାସଙ୍କ ଚଳନେ କରୁଣାମୟେ ସିନ୍ଧୁ ।

୩. କୃ.ସା – ତାହା ମୁଁ ବିଚାରି ରଚିବଇଂ ଗୀତେ ।

ଆ.ପୋ – ମୁଁ ଯେ ବଳରାମ ଦାସ ଭୃତ୍ୟ ଯେ ତୋହର ।

ପା.୨ – ମୁଁ ହି ବଳରାମ ଦାସ ଭୃତ୍ୟ ଅଟେ ତୋର ।

୪. କୃ.ସା – ଯାହା ସେ ବଖାଣ କଲା ବାଲମ୍ମିକ ମହାକବି

ଆ.ପୋ – ଯାହା ବଖାଣିଲେ ବାଲ୍ମୀକ କବି ।

ପା.୨ – ଯାହାକୁ ବଖାଣିଲେ ବାଲମୀକ କବି

୫. କୃ.ସା – ବ୍ରହ୍ମାଙ୍କୁ ଦେଖିଣ ଆନନ୍ଦ ରମା ସାଇଂ

ଆ.ପୋ – କୁଶକେତୁ ଦେଖି ଆନନ୍ଦ ଉମା ସାଇଂ ।

ପା.୨ – କୁଶକେତୁଙ୍କୁ ଦେଖି

୬. କୃ.ସା – ତାରେକ ବ୍ରହ୍ମରାମ ନାମ ତୁ ଉଚ୍ଚାର ।

ଆ.ପୋ – ଶ୍ରୀରାମ ନାମ ତାରେକ ମହାମନ୍ତ୍ର ଅକ୍ଷର

ପା.୨ – ଶ୍ରୀରାମ ତାରକ ନାମ ମହାମନ୍ତ୍ର କ୍ଷର ।

୭. କୃ.ସା – ଭୋଦେବ ଈଶ୍ୱର କେବଣ ଜପ ଜପୁ, / ମୋତେ ହେଂ ମାୟା ଯେ ଅଛି ତୋର ବପୁ ।

ଆ.ପୋ – ଭୋଦେବ ମହେଶ୍ୱର କିସ ବେଦ ଜପୁ, ତୁଇ ଯେ ମହାତମା ମୋହର ଆତ୍ମା ରଖୁ ।

ପା.୨ – ଭୋଦେବ ମହେଶ୍ୱର ଆତମା ରଖୁ ।

ଅଯୋଧ୍ୟା କାଣ୍ଡ:

୧. କୃ.ସା – ବନ୍ଦଇ ଶ୍ରୀଜଗନ୍ନାଥ ନୀଳଗିରି ବାସୀ (ବିଘ୍ନେଶରାୟ ନମଃ) / ନୀଳ ସୁନ୍ଦର ମୁଖ ଶରଦର ଶଶୀ

ଆ.ପୋ –

ଶ୍ରୀ ଜଗମୋହନ ରାମାୟଣ ଶ୍ରୀଗଣେଶାୟ ନମଃ

ନମଇଂ କମଳା ଦେବୀ ବିଷ୍ଣୁର ପାଟରାଣି

ଅନନ୍ତ କୋଟୀ ବ୍ରହ୍ମାଣ୍ଡକୁ ଅଟୁ ଠାକୁରାଣୀ

ପା.୨ –

ନମଇ କମଳା ଦେବ ବିଷ୍ଣୁର ପାଟରାଣି

ଅନନ୍ତ କୋଟୀ ବ୍ରହ୍ମାଣ୍ଡକୁ ତୁହି ଠାକୁରାଣୀ

୧.୮ କେତେକ ପ୍ରାଚୀନ ଶବ୍ଦ

ଉପ୍ରୋଧ – ଦୟା, ବାଧାଦେବା

ଉଲୁସିବା – ଖୁସିରେ ଫୁଲିଉଠିବା

ଉଗୁଳି – ଅଧିକ

ଉପାମ – ତୁଲ୍ୟତା

ଋଷିକୋଇଲା – ଋଷିକୁଲ୍ୟା

ଏଥୁଂ – ଏ ବିଷୟରୁ

ଓହାଡ଼ – ଅନ୍ତରାଳ, ଗୁପ୍ତସ୍ଥାନ

ଓଲାୟେ – ଓହ୍ଲାଏ

କାରେଣୀ – କର୍ତ୍ତା

ଅଟକାଇ – ଯୁଦ୍ଧଯାତ୍ରା କରିବା ନିମନ୍ତେ ଅନୁକୂଳ

କାରଣ୍ଡବ – ଏକପ୍ରକାର ହଂସ

**ସହାୟକ ଗ୍ରନ୍ଥସୂଚୀ**

୧. Beams, J. 1872; The Indigenous Literature of Odisha in, John Beams and Odisha, ed. Lalatendu Das Mohapatra, Rourkela, Prachi Utkal Sangha.

୨. Mishra, K.C. 1987. The Ramayan in eastern India, Bhubaneswar, Institute of Orissan culture

୩. ମହାନ୍ତି, ଯତିନ୍ଦ୍ରମୋହନ (ସଂ) ,୨୦୧୨, ବଳରାମ ଦାସ ରଚନାସମ୍ଭାର , ଡ. ବିଜୟ ସେନାପତି, ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ ଓ ବନ୍ଦିତା ସାହୁ ।

୪. ସାହୁ, କୃଷ୍ଣଚରଣ, ୨୦୦୮, କବି ବଳରାମ ଦାସ, ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀ ।

୫. ସାହୁ, କୃଷ୍ଣଚରଣ, ୧୯୮୦, ବଳରାମ ଦାସଙ୍କର ଜଗମୋହନ ରାମାୟଣ, କଟକ, ବୁକ୍ସ ଆଣ୍ଡ ବୁକ୍ସ ।

୬. ଆଚାର୍ଯ୍ୟ, ସୁଦର୍ଶନ, ୨୦୧୬, ପ୍ରାଚୀନ ଗ୍ରନ୍ଥ ସଂପାଦନା: ପଦ୍ଧତି ଓ ପ୍ରୟୋଗ, ଏଷଣା – ଜୁନ, କଟକ, ଓଡ଼ିଆ ଗବେଷଣା ପରିଷଦ ।

୭. ମହାନ୍ତି, ବଂଶୀଧର (ସଂ), ୨୦୦୪, କୋଣାର୍କ, ପଞ୍ଚସଖା ବିଶେଷାଙ୍କ, ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀ ।

| କ୍ରମିକ ସଂଖ୍ୟା | ପୋଥି ସଂଖ୍ୟା | କାଣ୍ଡ | ସମୟ | ପ୍ରତିଲିପିକରଣ ନାମ | ପତ୍ର ସଂଖ୍ୟା | ପୋଥିର ସ୍ଥିତି ପୁଷ୍ପିକା | ଆକାର |
|---|---|---|---|---|---|---|---|
| ୧ | ORP/1401 | ଆଦିକାଣ୍ଡ (ସଂପୂର୍ଣ୍ଣ) | ରାମଚନ୍ଦ୍ରଦେବ ମହାରାଜାଙ୍କ ୪୫ ଅଙ୍କ | ରତ୍ନାକର ପାଢ଼ୀ (ପଦ୍ମପୁର ଶାସନ) | ୫୦ | ଭଲ, ପୁଷ୍ପିକା ଅଛି | ୬୦ସେ.ମି × ୩ ସେ.ମି. |
| ୨ | ORP/1402 | ଅଯୋଧ୍ୟାକାଣ୍ଡ ଓ ଆରଣ୍ୟକାଣ୍ଡ (ସଂପୂର୍ଣ୍ଣ) | ରାମଚନ୍ଦ୍ରଦେବ ମହାରାଜାଙ୍କ ୪୫ ଅଙ୍କ | ରତ୍ନାକର ପାଢ଼ୀ (ପଦ୍ମପୁର ଶାସନ) | ୫୨ | ଭଲ, ପୁଷ୍ପିକା ଅଛି | ୬୦ସେ.ମି × ୩ ସେ.ମି. |
| ୩ | ORP/1403 | କିଷ୍କିନ୍ଧାକାଣ୍ଡ ଓ ସୁନ୍ଦରାକାଣ୍ଡ | ରାମଚନ୍ଦ୍ରଦେବ ମହାରାଜାଙ୍କ ୪୫ ଅଙ୍କ | ରତ୍ନାକର ପାଢ଼ୀ (ପଦ୍ମପୁର ଶାସନ) | ୧୮ | ଭଲ, ପୁଷ୍ପିକା ଅଛି | ୬୦ସେ.ମି × ୩ ସେ.ମି. |
| ୪ | ORP/1404 | ଲଙ୍କା କାଣ୍ଡର ପ୍ରଥମଭାଗ | ରାମଚନ୍ଦ୍ରଦେବ ମହାରାଜାଙ୍କ ୪୫ ଅଙ୍କ | ରତ୍ନାକର ପାଢ଼ୀ (ପଦ୍ମପୁର ଶାସନ) | ୧୪ | ଭଲ, ପୁଷ୍ପିକା ଅଛି | ୬୦ସେ.ମି × ୩ ସେ.ମି. |
| ୫ | ORP/1405 | ଲଙ୍କାକାଣ୍ଡର ଦ୍ୱିତୀୟଭାଗ | ରାମଚନ୍ଦ୍ରଦେବ ୪୭ ଅଙ୍କ | ରତ୍ନାକର ପାଢ଼ୀ (ପଦ୍ମପୁର ଶାସନ) | ୩୮ | ଭଲ, ପୁଷ୍ପିକା ଅଛି | ୬୦ସେ.ମି × ୩ ସେ.ମି. |
| ୬ | ORP/1406 | ଉତ୍ତରାକାଣ୍ଡ | ରାମଚନ୍ଦ୍ରଦେବ ୪୭ ଅଙ୍କ | ପ୍ରତିଲିପିକାର ସମାଜ | ୯୨ | ଭଲ, ପୁଷ୍ପିକା ଅଛି | ୬୦ସେ.ମି × ୩ ସେ.ମି. |